# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 15 July - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ପୁରୀ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କର ଅନୁଷ୍ଠିତ ହେଉଛି ବାହୁଡ଼ା ଯାତ୍ରା

– ବର୍ତ୍ତମାନ ରଥ ଉପରେ ଚାଲିଛି ଛେରା ପହଁରା

- ଦରଦାମ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଜିଲ୍ଲାରେ ପରିବା ମଣ୍ଡି ଖୋଲିବା ଉପରେ ଗୁରୁତ୍ୱ ଦେଲେ ଖାଦ୍ୟ  ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

- ରାଜ୍ୟର ବିଭିନ୍ନ ପ୍ରାନ୍ତରେ ପାଳିତ ହେଉଛି ବିଶ୍ୱ ପ୍ଲାଷ୍ଟିକ ସର୍ଜରୀ ଦିବସ

ଏବଂ

- ଯୁବମାନଙ୍କ ଦକ୍ଷତାକୁ ସଠିକ୍ ଭାବରେ ଉପଯୋଗ କରିବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ବିଶ୍ୱ ଯୁବ ଦକ୍ଷତା ଦିବସ

*Puri/HS*

# ପୁରୀ– ବାହୁଡ଼ା ଯାତ୍ରା

ପୁରୀ ଶ୍ରୀକ୍ଷେତ୍ରରେ ଆଜି ବାହୁଡ଼ା ଯାତ୍ରା ଭକ୍ତି ଓ ଶ୍ରଦ୍ଧାର ସହ ଅନୁଷ୍ଠିତ ହେଉଛି। ଅପରାହ୍ନ ୪ଟାରେ ରଥଟଣା ହେବା ଲାଗି ନୀତିନିର୍ଘଣ୍ଟ କରାଯାଇଥିବା ବେଳେ ଆଜି ଭୋର୍ ସମୟରୁ ବିଭିନ୍ନ ନୀତିକାନ୍ତି ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହୋଇଛି। ପୁରୀ ଶ୍ରୀଗୁଣ୍ଡିଚା ନିକଟରେ ଆମ ସମ୍ବାଦଦାତା ସୌମିତ୍ର ହରିଚନ୍ଦନ ଅଛନ୍ତି। ଆସନ୍ତୁ ଶୁଣିବା ତାଙ୍କଠାରୁ...

**- V/O -**

ବାହୁଡା ଯାତ୍ରା ଉପଲକ୍ଷେ ରାଜ୍ୟପାଳ ରଘୁବର ଦାସ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ସାମାଜିକ ଗଣମାଧ୍ୟମ ଜରିଆରେ କହିଛନ୍ତି, ମହାପ୍ରଭୁ ଜଗନ୍ନାଥ ଆଜି ନିଜ ବଡ ଭାଇ ଭଗବାନ ବଳଭଦ୍ର ଏବଂ ଭଉଣୀ ମାଆ ସୁଭଦ୍ରାଙ୍କ ସହ ରଥ ଉପରେ ବସି ଶ୍ରୀମନ୍ଦିର ଫେରିବେ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏକ ସାମାଜିକ ଗଣମାଧ୍ୟମ ବାର୍ତ୍ତାରେ ସେ କହିଛନ୍ତି, ନବଦିନାତ୍ମକ ଯାତ୍ରା ସାରି ଚତୁର୍ଦ୍ଧାମୂର୍ତ୍ତି ଆଡ଼ପ ମଣ୍ଡପରୁ ରତ୍ନବେଦୀକୁ ବାହୁଡ଼ି ଆସିବେ। କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଆସ୍ଥା ଓ ବିଶ୍ୱାସର ଏହି ଦିବ୍ୟ ଯାତ୍ରା ସମସ୍ତଙ୍କ ସୁଖ, ସମୃଦ୍ଧି ଓ ମଙ୍ଗଳମୟ ଜୀବନ କାମନା କରିଛନ୍ତି।

ବାହୁଡା ଯାତ୍ରା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଶ୍ରୀ ପ୍ରଧାନ ପବିତ୍ର 'ବାହୁଡ଼ା ଯାତ୍ରା'ର ଶୁଭେଚ୍ଛା ଜଣାଇବା ସହ  ମହାପ୍ରଭୁଙ୍କ ପାଖରେ ବିଶ୍ୱବାସୀଙ୍କ ମଙ୍ଗଳ କାମନା କରିଛନ୍ତି।

***HS***

## ପୁଲିସ ଫୋର୍ସ ମୁତୟନ

ବାହୁଡା ଯାତ୍ରା ପାଇଁ ପୁରୀକୁ ଦେଶବିଦେଶରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବାରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ପ୍ରାୟ ୧୦ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା, ବଡ଼ଦାଣ୍ଡରେ ଗହଳି ନିୟନ୍ତ୍ରଣ, ରଥ ଗୁଡ଼ିକର ସୁରକ୍ଷା ଏବଂ ଟ୍ରାଫିକ୍ ପରିଚାଳନା ପାଇଁ ୧୮୦ ପ୍ଲାଟୁନ ପୁଲିସ ଫୋର୍ସ ସହ ୨ହଜାର ପୁଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପୁରୀରେ ରହି ରଥଯାତ୍ରାର ସୁପରିଚାଳନା ନିମନ୍ତେ ତଦାରଖ କରୁଛନ୍ତି।

***HS***

## ପୁରୀ- ମନ୍ତ୍ରୀଙ୍କ ତଦାରଖ

ପୁରୀ ଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ଲାଗି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ  ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆଜି ପୁଲିସ ଅଧିକାରୀ ଏବଂ ସେବାୟତଙ୍କ ସହ ସେ ଆଲୋଚନା କରିବା

ପରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ନିବେଦନ କରିଛନ୍ତି । ଅନ୍ୟପକ୍ଷରେ ବାହୁଡ଼ା ଯାତ୍ରା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମାନକ ସଞ୍ଚାଳନ ପ୍ରକ୍ରିୟା– ଏସଓପି ଜାରି କରାଯାଇଛି। ବାହୁଡ଼ା ଯାତ୍ରା ସହ ସମ୍ପୃକ୍ତ ସମସ୍ତେ ଏହି ଏସ୍‌ଓପି ଅନୁଯାୟୀ କାର୍ଯ୍ୟ କରିବାକୁ କୁହାଯାଇଛି। ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି, ନୀତିକାନ୍ତି ଶୃଙ୍ଖଳିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି।

***DHNKL/Ganjam/BHK/Sonepur***

## ରାଜ୍ୟ ବାହୁଡ଼ା ଯାତ୍ରା

ସୁବର୍ଣ୍ଣପୁର ଜିଲ୍ଲାର ପାତାଳି ଶ୍ରୀକ୍ଷେତ୍ର ସମେତ ବିଭିନ୍ନ ସ୍ଥାନରେ ଆଜି ତିନିଠାକୁରଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେଉଛି। ଶ୍ରୀମନ୍ଦିର ରୀତିନୀତି ଓ କାର୍ଯ୍ୟନିର୍ଘଣ୍ଟ ଅନୁଯାୟୀ କୋଟସମଲାସ୍ଥିତ ତ୍ରିକୂଟ ପାହାଡ଼ର ପାଦଦେଶରେ ଥିବା ମାଉସୀମା ମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଛି। ତ୍ରିକୂଟ ପାହାଡ଼ ଉପରେ ରହିଥିବା ମାଧବ ଗୁମ୍ଫା, ଧ୍ୱନି ଗୁମ୍ଫା ଓ ଜଗନ୍ନାଥ ଗୁମ୍ଫାକୁ ପର୍ବତାରୋହଣ କରି ହଜାର ହଜାର ଶ୍ରଦ୍ଧାଳୁ ବୁଲି ଦେଖୁଛନ୍ତି।

ଭଦ୍ରକ ଜିଲ୍ଲାର ବହୁ ପୁରାତନ କେଶପୁର ଗ୍ରାମର ହରିବୋଲ କ୍ଷେତ୍ର ସାଳନ୍ଦୀନଗର ସ୍ଥିତ ଶ୍ରୀଜଗନ୍ନାଥ ପୀଠ, କପାଳି କ୍ଷେତ୍ର, ଉତ୍ତରବାହିନୀ, ଆରଡ଼ି ସମେତ ବିଭିନ୍ନ ମାଉସୀମା ମନ୍ଦିରରେ ମନ୍ଦିରରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେଉଛି। ଶ୍ରୀବଳଭଦ୍ର, ଦେବୀ ଶୁଭଦ୍ରା ଓ ପ୍ରଭୁ ଜଗନ୍ନାଥଙ୍କୁ

ବେଢ଼ା ପରିକ୍ରମା କରାଯିବା ପରେ ନୀତିକାନ୍ତି ସହ ରଥାରୂଢ଼ କରାଯାଇଥିବା ଜଣାପଡ଼ିଛି ।

ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ଉପଲକ୍ଷେ ଶ୍ରୀଜୀଉମାନଙ୍କୁ ଗୋଟି ପହଣ୍ଡି ମାଧ୍ୟମରେ ରଥରେ ବିଜେ କରାଯାଇଛି । ଖଲ୍ଲିକୋଟ ଠାରେ ଶ୍ରଦ୍ଧାଳୁମାନେ ଭକ୍ତିମୟ ପରିବେଶରେ ରଥ ଟାଣୁଛନ୍ତି ।

ଢେଙ୍କାନାଳ ଜିଲ୍ଲା ଓଡ଼ପଡ଼ା ବ୍ଲକ ବାଙ୍ଗୁରସିଂଘ ପଞ୍ଚାୟତ ଶରଣ ଶ୍ରୀକ୍ଷେତ୍ର ଏକଘରିଆ ଗ୍ରାମରୁ ପୁରୀ ଶ୍ରୀକ୍ଷେତ୍ରକୁ ମହାପ୍ରଭୁଙ୍କ ନିମନ୍ତେ ତୁଳସୀ ଓ ପଦ୍ମଫୁଲ ଲାଗି କରିବା ଲାଗି ପ୍ରସ୍ତୁତି ଶେଷ ହୋଇଛି । ଶରଣ ଶ୍ରୀକ୍ଷେତ୍ରରୁ ଭକ୍ତମାନଙ୍କ ଉଦ୍ୟମରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସେବା ଲାଗି ତିନି ଶହ ଅଣଚାଳିଶି ଫୁଟ ଲମ୍ବର ତୁଳସୀମାଳ, ୨୦୯ ଫୁଟ ଲମ୍ବର ପଦ୍ମମାଳ ଏବଂ ୨୦୧ ଫୁଟ ଲମ୍ବର ଗେଣ୍ଡୁ ଫୁଲମାଳ ଶ୍ରୀକ୍ଷେତ୍ରକୁ ପଠାଯାଇଛି ।

***Desk***

## ଦରଦାମ ନିୟନ୍ତ୍ରଣ

ରାଜ୍ୟରେ ଦରଦାମ ନିୟନ୍ତ୍ରଣକୁ ଆଣିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ପରିବା ମଣ୍ଡି ଖୋଲିବା ଉପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, କଟକ, ଭୁବନେଶ୍ୱର ସମେତ ସବୁ ଜିଲ୍ଲାରେ ପରିବା ମଣ୍ଡି ଖୋଲାଯିବ । କୃଷକମାନେ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ପରିବା ମଣ୍ଡିରେ ବିକ୍ରୟ କରିବେ । ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଦରଦାମ ନିୟନ୍ତ୍ରଣ ରୋକିବାକୁ

ହେଲେ ମଧ୍ୟସ୍ଥିମାନଙ୍କ ପ୍ରଭାବ ହ୍ରାସ କରିବା ଲାଗି ପଡ଼ିବ। ସେ କହିଛନ୍ତି, ଖୁବ୍‌ଶୀଘ୍ର କୃଷି, ସମବାୟ ଏବଂ ଖାଉଟି ବିଭାଗର ଏକ ମିଳିତ ବୈଠକ କରାଯାଇ ଏ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯିବ। ବିଶେଷ କରି ରାଜ୍ୟରେ ଆଳୁ, ପିଆଜ ଉତ୍ପାଦନ ଉପରେ ମନ୍ତ୍ରୀ ଶ୍ରୀ ପାତ୍ର ଗୁରୁତ୍ୱ ପ୍ରଦାନ କରି କହିଛନ୍ତି, ଆଗାମୀ ଦିନରେ ରାଜ୍ୟରେ ଯେଭଳି ୧୩୭ରୁ ୨୦୦ ଲକ୍ଷ ଟନ୍‌କୁ ଉତ୍ପାଦନ ବୃଦ୍ଧି କରିହେବ ସେ ନେଇ ଖୁବ୍‌ଶୀଘ୍ର ବ୍ଲୁ ପ୍ରିଣ୍ଟ୍ ପ୍ରସ୍ତୁତ କରାଯିବ।

***Desk***

## ପ୍ଲାଷ୍ଟିକ ସର୍ଜରୀ ଦିବସ

ପ୍ଲାଷ୍ଟିକ ସର୍ଜରୀ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ଏବଂ ଏହା ଦ୍ୱାରା ମିଳୁଥିବା ସୁଫଳଗୁଡ଼ିକ ବିଷୟରେ ଜାଣିବା ନିମନ୍ତେ ଆଜି ପାଳିତ ହେଉଛି ବିଶ୍ୱ ପ୍ଲାଷ୍ଟିକ ସର୍ଜରୀ ଦିବସ। ଏକ ସପ୍ତାହ ଧରି ଚାଲିଥିବା ସଚେତନତା ସପ୍ତାହର ଶେଷ ଦିନରେ ଆଜି ବିଭିନ୍ନ ହସ୍‌ପିଟାଲ ଏବଂ ପ୍ରତିଷ୍ଠାନ ପକ୍ଷରୁ ସଚେତନତା ସଭାମାନ ଆୟୋଜିତ ହେଉଛି। ପ୍ଲାଷ୍ଟିକ ସର୍ଜରୀ ବିଶ୍ୱରେ ଏକ ବିରାଟ ପରିବର୍ତ୍ତନ ଆଣିଛି। ଦୁର୍ଘଟଣା, ବିଭିନ୍ନ ରୋଗ ଏବଂ ଅପରେସନ୍ ଯୋଗୁଁ ସୃଷ୍ଟି ହେଉଥିବା କ୍ଷତ ଓ ବିକୃତି ତଥା ଜନ୍ମରୁ ମଣିଷ ଦେହରେ ଥିବା ଗ୍ରହଣ ଖଣ୍ଡିଆ ଭଳି ରୋଗକୁ ଏବେ ଅତି ସହଜରେ ଏବଂ କମ୍ ଖର୍ଚ୍ଚରେ ଠିକ କରାଯାଇପାରୁଛି। ବିଦ୍ୟାଳୟ ସ୍ତରରେ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ କୁନି ପିଲାଙ୍କ କ୍ଷେତ୍ରରେ ଦେଖାଦେଉଥିବା ଶାରୀରିକ ଅସଂଗତିକୁ ଦୂର କରାଯାଇପାରୁଛି। ଭୁବନେଶ୍ୱର ଅଖିଳ

ଭାରତୀୟ ଆର୍ୟୁବିଜ୍ଞାନ ସଂସ୍ଥାନ- ଏମ୍ସରେ ପ୍ଲାଷ୍ଟିକ ସର୍ଜରୀ ନିମନ୍ତେ ଏକ ସ୍ୱତନ୍ତ୍ର ଓ୍ୱାର୍ଡ ଖୋଲାଯାଇ ଲୋକମାନଙ୍କୁ ଦେୟମୁକ୍ତ ସେବା ଯୋଗାଇ ଦିଆଯାଉଛି ।

*Ganjam*

## ପ୍ରଶିକ୍ଷଣ ଶିବିର

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ନାଭାଲ ୟୁନିଟ୍ ଏନ୍‌ସିସି ପକ୍ଷରୁ ୧୦ ଦିନିଆ ବାର୍ଷିକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର କୃତି ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଧାୟକ, ଏନ୍‌ସିସି କ୍ୟାଡେଟ ମାନଙ୍କୁ ଶୃଙ୍ଖଳା ଓ ଅନୁଶାସନ ଜ୍ଞାନକୁ ନିଜ ଜୀବନରେ ଉପଯୋଗ କରି ଭବିଷ୍ୟତ ଗଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ଶିବିରରେ ସିନିୟର୍ ସ୍ତରରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପ୍ରଥମ ହୋଇଥିବା ବେଳେ ଗଞ୍ଜାମ ମହାବିଦ୍ୟାଳୟ ଦ୍ୱିତୀୟ ଏବଂ ଜୁନିୟର ସ୍ତରରେ ପୁରୀ ଜିଲ୍ଲାର ସୁନ୍ଦରା ସୁରେନ୍ଦ୍ରନାଥ ନୋଡାଲ ହାଇସ୍କୁଲ ପ୍ରଥମ ଏବଂ ଭୁବନେଶ୍ୱର ପୋଖରୀପୁଟ ଡିଏଭି ପବ୍ଲିକ ସ୍କୁଲ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏଥିରେ ୫ଟି ଜିଲ୍ଲାର ୧୧ ଟି ବିଦ୍ୟାଳୟ ଓ ୬ ଟି ମହାବିଦ୍ୟାଳୟର ୫୦୦ ଜଣ ଏନ୍‌ସିସି କ୍ୟାଡେଟମାନେ ଯୋଗ ଦେଇଥିଲେ।

*HS*

## ବିଶ୍ୱ ଯୁବ ଦକ୍ଷତା ଦିବସ

ଯୁବ ଶକ୍ତି ହେଉଛନ୍ତି ଗୋଟିଏ ଦେଶର ଭବିଷ୍ୟତ। ସେମାନଙ୍କ ଦକ୍ଷତାକୁ ଚିହ୍ନିବା ଏବଂ ସଠିକ୍ ଭାବରେ ଉପଯୋଗ କରିବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ବିଶ୍ୱ ଯୁବ ଦକ୍ଷତା ଦିବସ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ  ଶୁଭେଚ୍ଛା ଜଣାଇଛନ୍ତି। ଏକ ସାମାଜିକ ଗଣମାଧ୍ୟମ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯୁବଶକ୍ତିର ବିକାଶରେ ହିଁ ଦେଶ ତଥା ରାଜ୍ୟର ବିକାଶ ସମ୍ଭବ ହୋଇଥାଏ। ନୂଆପିଢ଼ିଙ୍କ ଦକ୍ଷତା ବିକାଶ ଏବଂ ସେମାନଙ୍କୁ ଆତ୍ମନିର୍ଭର କରିବା ଆମର କର୍ତ୍ତବ୍ୟ। ଭବିଷ୍ୟତକୁ ଆଖିରେ ରଖି ସେମାନଙ୍କ ପାଇଁ ଏକ ଉପଯୁକ୍ତ ଏବଂ ଅତ୍ୟାଧୁନିକ ଶୈକ୍ଷିକ ପରିବେଶ ଯୋଗାଇ ଦିଆଯିବ, ଯାହାଦ୍ୱାରା ସେମାନେ ଦେଶ ତଥା ସମଗ୍ର ବିଶ୍ୱରେ ପରିବର୍ତ୍ତନ ଆଣିବାରେ ଦୃଢ ନେତୃତ୍ୱ ନେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

***Nuapada***

## ଖରିଫ ଚାଷ

ନୂଆପଡ଼ା ଜିଲ୍ଲା ଖଡ଼ିଆଳସ୍ଥିତ ତିଖାଲି ନିମ୍ନ ଇନ୍ଦ୍ରଜଳସେଚନ ପ୍ରକଳ୍ପରୁ ଆଜି ଖରିଫ ଚାଷ ପାଇଁ ଜଳ ନିଷ୍କାସନ କରାଯାଇଛି। ଏଥିରେ ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାର ୩୫ ହଜାର ୫୫୭ ଜଣ ଚାଷୀଙ୍କ ୨୯ ହଜାର ୯୦୦ ହେକ୍ଟର ଜମି ଜଳସେଚିତ ହୋଇପାରିବ। ଜଳସେଚନ ପ୍ରକଳ୍ପର ବାମ ଏବଂ ଡାହାଣ କେନାଲ ମାଧ୍ୟମରେ ସେକେଣ୍ଡ ପ୍ରତି ୪୦ କ୍ୟୁବିକ୍ ଜଳ ନିଷ୍କାସିତ ହେଉଥିବା ଜଣାପଡ଼ିଛି।

*********************************